# ୨ ଜୁଆ ଆଡ୍ଡାରୁ ୧୨ ଗିରଫ

## ୩୬,୮୫୦ ଟଙ୍କା ଜବତ

ବୁଗୁଡା,୧୫।୧୦(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ପରମ୍ପରା ନାଁରେ ତାସ ଏବଂ ଜୁଆଖେଳର ଆସର ଜମୁଛି। ପୋଲିସ୍ ପକ୍ଷରୁ ୨ଟି ଜୁଆଆଡ୍ଡା ଉପରେ ଚଢ଼ାଉ କରାଯାଇ ୧୨ ଜଣଙ୍କୁ ଗିରଫ କରାଯିବା ସହ ମୋଟ ୩୬,୮୫୦ ଟଙ୍କା ଜବତ କରାଯାଇଛି। ସେଥିମଧ୍ୟରୁ କୁଆଁନଳା ଗାଁରେ ଚାଲିଥିବା ଜୁଆ ଆଡ୍ଡାରୁ ପୋଲିସ ୯ ଜଣଙ୍କୁ ଗିରଫ କରିବା ସହ ୮,୩୪୦ ଟଙ୍କା ଜବତ କରିଛି। ଏ ନେଇ ନଂ ୪୬୨/୨୪ରେ ମାମଲା ରୁଜୁ ହୋଇଛି। ସେହିପରି ବୁଗୁଡା ଷ୍ଟାଡିୟମ୍ ନିକଟ ଏକ ଘରେ ଚାଲିଥିବା ଜୁଆଆଡ୍ଡାରୁ ୩ ଜଣଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଛନ୍ତି। ସେଠାରୁ ୨୮,୫୧୦ଟଙ୍କା ଜବତ ହୋଇଛି। ଏ ନେଇ ନଂ ୪୬୪/୨୪ରେ ମାମଲା ରୁଜୁ ହୋଇଛି।

# ମଦ ବ୍ୟବସାୟୀଙ୍କ ମାଡ଼ରେ ପୋଲିସ ଲହୁଲୁହାଣ

## ମୋବାଇଲ ସହ ପରିଚୟପତ୍ର ଲୁଟିନେଲେ

ବ୍ରହ୍ମପୁର,୧୫।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଅବକାରୀ କନଷ୍ଟେବଲ ସାଦା ପୋଷାକରେ ଗୁପ୍ତ ଭାବେ ମଦ ବିକ୍ରିର ଫଟୋ ଉଠାଉ ଥିବାବେଳେ ମଦ ବ୍ୟବସାୟୀଙ୍କ ଆକ୍ରମଣର ଶୀକାର ହୋଇଛନ୍ତି। ସେ ଜଣେ ପୋଲିସ ବୋଲି କହିବାରୁ ମଦ ବ୍ୟବସାୟୀମାନେ ତାଙ୍କୁ ମାଡ଼ମାରି ଲହୁଲୁହାଣ କରିଛନ୍ତି। ତାଙ୍କ ମୋବାଇଲ ଫୋନ୍ ଓ ପରିଚୟପତ୍ର ଲୁଟି ନେଇଛନ୍ତି। ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ ଘଟିଥିବା ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାରେ ୫ ଜଣ ସାମିଲ ଥିବା କୁହାଯାଉଥିବା ବେଳେ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ପୋଲିସ ଉଦ୍ୟମ କରୁଛି। ବେଆଇନ ମଦ ବିକ୍ରି ଚାଲିଥିବା ଘରୁ ପ୍ରାୟ ୧୦୦ ଲିଟର ବିଭିନ୍ନ ବିଦେଶୀ ବ୍ରାଣ୍ଡର ମଦ ଜବତ କରାଯାଇଥିବା ଏସପି ଡ.ସର୍ବଣା ବିବେକ ଏମ. ମଙ୍ଗଳବାର ପ୍ରକାଶ କରିଛନ୍ତି। ପାର୍ବଣରେ ମଦ ବିକ୍ରି ଉପରେ ଜିଲା ପ୍ରଶାସନ ପକ୍ଷରୁ କଟକଣା ଲାଗିଛି। ବିଶେଷ କରି ଅପରାହ୍ନରେ ମଦ ବିକ୍ରି ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ଲୁଚାଛପାରେ ବ୍ୟବସାୟୀମାନେ


ଆକ୍ରମଣର ଶିକାର ହୋଇଥିବା ସବ୍ୟସାଚୀ

ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଦେଖାଯାଉଛି। ଉକ୍ତ ମଦ ବେପାରୀଙ୍କ ଉପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଛି। ନିର୍ଦ୍ଦେଶପ୍ରକାରେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସାଦା ପୋଷାକରେ କର୍ମଚାରୀମାନେ ଛକି ରହୁଛନ୍ତି। ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ ଅବକାରୀ ବିଭାଗର ବିଭିନ୍ନ ଟିମ ସହରର କେଉଁ ଜାଗାରେ ମଦ ବିକ୍ରି ହେଉଛି ଯାଞ୍ଚ କରିବା ସହିତ ସନ୍ଦେହରେ ବିଭିନ୍ନ ସ୍ଥାନରେ ସାଦା ପୋଷାକରେ ଛକି ରହିଥିଲେ। ବ୍ରହ୍ମପୁର ଟେଲିଫୋନ ଭବନ ଗଳିରେ ଥିବା ଏକ ମଦ ଦୋକାନ ଗତ ମାର୍ଚ୍ଚ ମାସରୁ ବନ୍ଦ ହୋଇଯାଇଛି। କିନ୍ତୁ କେତେଜଣ ବ୍ୟବସାୟୀ ଏକ ଘରଭଡା ନେଇ ମଦ ବିକ୍ରି କରୁଥିବା ଜଣାପଡିଥିଲା। ଉକ୍ତ ଅଞ୍ଚଳରେ ଅବକାରୀ କନଷ୍ଟେବଲ ସବ୍ୟସାଚୀ ଓ ତାଙ୍କ ସହଯୋଗୀ ସାଦା ପୋଷାକରେ ମୁତୟନ ଥିଲେ। ସବ୍ୟସାଚୀ ଉକ୍ତ ଘରେ ମଦ ବିକ୍ରି ହେଉଥିବା ଜାଣିବା ପରେ ଗୁପ୍ତରେ ଫଟୋ ଉତ୍ତୋଳନ କରୁଥିଲେ। ମଦ ବେପାରୀମାନେ ଏହା ଜାଣିବା ପରେ ଚାଲିଆସି ତାଙ୍କ ମୋବାଇଲ ଫୋନ୍ ଝାମ୍ପି ନେଇଥିଲେ। ସେ ନିଜକୁ ପୋଲିସ ବୋଲି ପରିଚୟ ଦେବା ସହ ନିଜ ପରିଚୟ ପତ୍ର ଦେଖାଇଥିଲେ ବି ବ୍ୟବସାୟୀମାନେ କିଛି ନ ଶୁଣି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ସବ୍ୟସାଚୀ ଏହାର ପ୍ରତିବାଦ କରିଥିଲେ। କିଛି ଅଘଟଣ ଘଟିବା ଆଶଙ୍କାରେ ସେ ଦୌଡି ପଳାଉ ଥିବା ବେଳେ ସେମାନେ ତାଙ୍କୁ ଗୋଡାଇ ଗୋଡାଇ ମାଡ ମାରି ତଳେ ପକାଇ ଦେବା ସହ ଲହୁଲୁହାଣ କରି ଦେଇଥିଲେ। ତାଙ୍କ ପରିଚୟ ପତ୍ର ଓ ଆଧାର କାର୍ଡ ଲୁଟି ନେଇଥିଲେ। ସବ୍ୟସାଚୀ ଏନେଇ ତାଙ୍କ ବିଭାଗୀୟ ମୁଖ୍ୟଙ୍କୁ ଜଣାଇଥିଲେ। ପରେ ବିଭାଗୀୟ ଅଧିକାରୀମାନେ ସେଠାରେ ପହଞ୍ଚି ଗୁରୁତର ସବ୍ୟସାଚୀଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପଟେ ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ଘଟଣା ପରେ ପୋଲିସ ଚାପରେ ଜଣେ ମଦ ବ୍ୟବସାୟୀ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ସେହିପରି ଉକ୍ତ ବେଆଇନ ମଦ ବିକ୍ରି ଘରକୁ ସିଲ କରି ଦିଆଯାଇଛି। ମାଜିଷ୍ଟ୍ରେଟ ଭାବେ ତହସିଲଦାରଙ୍କ ଉପସ୍ଥିତିରେ ସେଠାରେ କେତେ ପରିମାଣର ବିଦେଶୀ ମଦ ମହଜୁଦ ଅଛି ତାହା ଯାଞ୍ଚ କରାଯାଉଛି ବୋଲି ଅବକାରୀ ସଦର ରେଞ୍ଜ-୧ର ଇନ୍ସପେକ୍ଟର ମନିଷା ଭୋଳ ସୂଚନା ଦେଇଛନ୍ତି।

# ପରିବାରକୁ ମୃତଦେହ ହସ୍ତାନ୍ତର

## ଲଜ୍‌ରେ ବିହାରୀ ଯୁବକଙ୍କ ମୃତ୍ୟୁ ଘଟଣା

ଗଞ୍ଜାମ,୧୫।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ତ୍ରିବେଣୀ ମଠ ଛକସ୍ଥିତ ଏକ ଲଜ୍ କୋଠରିରୁ ସୋମବାର ଜଣେ ବିହାରୀ ଯୁବକଙ୍କ ମୃତଦେହ ମିଳିଥିଲା। ପୋଲିସ ପହଞ୍ଚି ତାଙ୍କ ଆଧାର କାର୍ଡ ଯାଞ୍ଚ କରି ଯୁବକ ଜଣକ ବିହାର ନୟାଗଞ୍ଜ, ନୟାଗାଁ ମହମଦପୁର ଅଞ୍ଚଳର ଜ୍ଞାନ ପ୍ରକାଶ ବୋଲି ଜାଣିଥିଲା। ପରେ ଆଧାର କାର୍ଡ ଓ ମୋବାଇଲକୁ ନେଇ ଆଇଆଇସି ସୁମିତ୍ରା ପାତ୍ର, ଏସଆଇ ଅନିରୁଦ୍ଧ ସ୍ୱାଇଁ ଜ୍ଞାନଙ୍କ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମୃତ ଜ୍ଞାନଙ୍କ ସ୍ତ୍ରୀ, ୫ ବର୍ଷର ପୁଅ, ଶଳା ଏବଂ ମାମୁ ଗଞ୍ଜାମରେ ପହଞ୍ଚିଥିଲେ। ପରିବାର ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିଲା। ସୂଚନାଯୋଗ୍ୟ, ସାଇଣ୍ଟିଫିକ ଟିମର ପ୍ରତିଭା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ ଚଳାଇଥିବା ବେଳେ ଛତ୍ରପୁର ଏସଡିପିଓ ଗୌରହରି ସାହୁ ମଧ୍ୟ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛନ୍ତି।

# ସାହିତ୍ୟ ମଣିଷ ସମାଜକୁ ସୁଖ ଶାନ୍ତି ପ୍ରଦାନ କରେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୫।୧୦(ସ୍ମୃତିରଞ୍ଜନମହାଲିକ)

ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ରବିବାର ଶାନ୍ତି ନଗରଠାରେ ଶାରଦୀୟ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। କବି ସୁଚେତା ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ କବି ବନ୍ଦନା ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାହିତ୍ୟ ମଣିଷ ସମାଜକୁ ସୁଖ ଶାନ୍ତି ପ୍ରଦାନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଗାଳ୍ପିକା ଭାଗ୍ୟଲକ୍ଷ୍ମୀ ମହାରଣା ଯୋଗ ଦେଇଥିଲେ। ସମାଜରେ ନାରୀ ସଠିକ ସମ୍ମାନ ପାଇଲେ ହିଁ ସମାଜର କଲ୍ୟାଣ ହେବ ବୋଲି କହିଥିଲେ। କବି ଦୀପ୍ତିଲେଖା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ପ୍ରମୋଦ ପଣ୍ଡା, ମିହିର ରଥ ଶର୍ମା, ମଧୁସ୍ମିତା ସାହୁ, ଗିରିଜା ଶଙ୍କର ଦାସ, ବିଜୟ ମିଶ୍ର, ପ୍ରଶାନ୍ତ ଆଚାରୀଙ୍କ ସମେତ ବହୁ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବି ପ୍ରଫୁଲ ତ୍ରିପାଠୀ, ସୁଶାନ୍ତ ଦାସ ଓ ସତ୍ୟମ ଆଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ, ପାପୁଲି ଛିଣ୍ଡିଲା

ବ୍ରହ୍ମପୁର,୧୫।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଜଣେ ଯୁବକଙ୍କୁ ଖଣ୍ଡାରେ ମାରଣାନ୍ତକ ଆକ୍ରମଣ ହୋଇଛି। ଖଣ୍ଡା ଚୋଟରେ ତାଙ୍କ ଗୋଟିଏ ହାତର ପାପୁଲି ଛିଣ୍ଡି ଯାଇଛି । ବଡବଜାର ଥାନା ରଙ୍ଗୁଣୀବନ୍ଧ ସାହି ଛକରେ ମଙ୍ଗଳବାର ରାତ୍ର ଏହି ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ଅଞ୍ଚଳର ଅଜିତ ନାୟକ(୩୧) । ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାରୁ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିବା ଜଣାପଡିଛି। ବଡବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି । ଅଜିତ ସେହି ଅଞ୍ଚଳରେ ଏକ କବାଡି ଦୋକାନ କରିଛନ୍ତି । କୌଣସି କାରଣକୁ ନେଇ ସେହି ଅଞ୍ଚଳର କିଛି ଯୁବକ ସହ ତାଙ୍କର ପୂର୍ବରୁ ଶତ୍ରୁତା ଥିଲା । କିଛି ଦିନ ତଳେ ଅଜିତ ଜେଲରୁ ମଧ୍ୟ ଫେରିଥିଲେ । ମଙ୍ଗଳବାର ସନ୍ଧ୍ୟାରେ ସେ କେଉଟ ସାହି ରାସ୍ତା ଦେଇ ରଙ୍ଗୁଣିବନ୍ଧ ଛକ ଆଡକୁ ଯାଉଥିବା ବେଳେ ୩ ଜଣ ଯୁବକ ହାତରେ ଖଣ୍ଡା ଧରି ହଠାତ ସେଠାରେ ପହଞ୍ଚିବା ସହ ଆକ୍ରମଣ କରିଥିଲେ । ଅଜିତଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଖଣ୍ଡା ଚୋଟ ବାଜିବା ପରେ ସେ ରକ୍ତାକ୍ତ ହୋଇ ତଳେ ପଡିଯିବା ପରେ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ । ବଡମେଡିକାଲରେ ଅଜିତଙ୍କ ଚିକିତ୍ସା ଜାରି ରହିଛି ।

# ପରିବେଶ ସୁରକ୍ଷା ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀଙ୍କ ପରାମର୍ଶ


ମନ୍ତ୍ରୀ ନୂଆ ୟୁନିଫର୍ମ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ଖଣି,ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦର ନୂତନ ୟୁନିଫର୍ମ ଉନ୍ମୋଚନ କରିଛନ୍ତି। ଗଞ୍ଜାମ ଜିଲା ଗୋଳନ୍ଥରା ସ୍ଥିତ ବନ୍ଦେ ମାତରଂ ଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜେନା ଯୋଗଦେଇ କହିଲେ ଯେ, ଦୀର୍ଘ ଚଉଦ ବର୍ଷ ଧରି ଘର ଚଟିଆ ସୁରକ୍ଷା, ବୃକ୍ଷ ରୋପଣ,ବନ୍ୟ ପ୍ରାଣୀ ସୁରକ୍ଷା,ରକ୍ତଦାନ ଆଦି କାର୍ଯ୍ୟକ୍ରମ ଉକ୍ତ ପରିଷଦ କରି ଆସୁଛି। ଭବିଷ୍ୟତରେ ପରିବେଶ ସୁରକ୍ଷା ସହ ସାମାଜିକ ମଙ୍ଗଳ କାର୍ଯ୍ୟ କରିବାକୁ ମଧ୍ୟ ସଂଗଠନକୁ ପରାମର୍ଶ ଦେଇଛନ୍ତି। ପରିଷଦର ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ପି. ଅରବିନ୍ଦ ଦେଶିବେହେରା, ବନମାଳୀ ପ୍ରଧାନ, ନଳିନୀ କାନ୍ତ ପରିଡା,ଧର୍ମରାଜ ପାତ୍ର, ଅର୍ଜୁନ ଗୌଡ଼,ପୁରୁଷୋତ୍ତମ ସ୍ୱାଇଁ, ରଞ୍ଜନ ବେହେରା, ଶ୍ରୀକାନ୍ତ ମହାନ୍ତି, ସୁନୀଲ ମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଯୁବକଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ଗୋପାଳପୁର,୧୫।୧୦
(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦନଗର ଗ୍ରାମରେ ଗତ ଶୁକ୍ରବାର ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି । ଯୁବକ ଜଣକ ତତଡାପଲ୍ଲି ଗ୍ରାମର ବି. ମୋହନ ବୋଲି ଜଣାପଡିଛି। ସୋମବାର ଗୋଳନ୍ଥରା ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦନଗର ଗାଁର ଏମ. ସୁଦାମ, ଏ. ଶିବା ଓ ଏମ୍. ଡିଲେସୁ। ଗତ ୧୧ ତାରିଖ ରାତିରେ ଗୋବିନ୍ଦନଗରରେ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ମୋହନ ଏକ ଦୋକାନ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ୧୦ରୁ ଉର୍ଦ୍ଧ୍ୱ ଯୁବକ ସେଠାରେ ପହଞ୍ଚି ତାଙ୍କୁ ଠେଙ୍ଗା ଓ କାତିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମୋହନ ଗୁରୁତର ହୋଇ ତଳେ ପଡିଯାଇଥିଲେ। ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ମୋହନଙ୍କ ବାପା ବି.ଟଙ୍କିଆ ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ଏହାକୁ ଭିତ୍ତି କରି ନଂ. ୪୦୮/୨୪ରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ଫେରାର ଥିବା ସମସ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସ୍ୱାଇଁ କହିଛନ୍ତି।

# ଖାଲକୁ ଖସିଲା ବସ

ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ରାଉତ ବନ୍ଧ ଜାତୀୟ ରାଜପଥ ୫୯ ନିକଟରେ ସାଇ ରାମ ନାମକ ଘରୋଇ ବସ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗର୍ତ୍ତ ମଧ୍ୟକୁ ଖସି ପଡିଛି। ଅନ୍ୟପଟେ ଅଳ୍ପକେ ଯାତ୍ରୀ ମାନେ ବର୍ତ୍ତି ଯାଇଛନ୍ତି। ସୂଚନା ପ୍ରକାରେ ସାଇ ରାମ ବସ ଟି ହିଞ୍ଜିଳିରୁ ବାହାରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ସମୟରେ ଏହି ଅଘଟଣ ଘଟିଛି। ଲୋକଙ୍କ କହିବା ଅନୁସାରେ ରାସ୍ତାରେ ମଇଁଷି ଗୋଠ ଯାଉଥିଲେ। ବ୍ରହ୍ମପୁରରୁ ଆସୁଥିବା ଏକ ବାଇକ ଚାଳକ ମଇଁଷିକୁ ଧକ୍କା ଦେଇ ପଡିଯାଇଥିଲେ। ସେହି ସମୟରେ ବସଟି ବାଇକ ଚାଳକକୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଫଳରେ ବସଟି ଭାରସାମ୍ୟ ହରାଇ ଗର୍ତ୍ତ ମଧ୍ୟରେ ପଶି ଯାଇଥିଲା।

# ସିଟି ହାଇସ୍କୁଲରେ ଅବଦୁଲ କଲାମଙ୍କ ଜୟନ୍ତୀ


କଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଉଛି।

ବ୍ରହ୍ମପୁର,୧୫।୧୦(ସ୍ୱାଧୀନଶେଖରପାଢ଼ୀ)

ସିଟି ହାଇସ୍କୁଲରେ ପୂର୍ବତନ ରାଷ୍ଟ୍ରପତି, ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ପନଗ ଭୂଷଣ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀଙ୍କ ଦ୍ୱାରା କଲାମଙ୍କ ସ୍ମୃତି ଚାରଣ କରାଯାଇଥିଲା। ମହାପୁରୁଷଙ୍କ ନୀତିବାଣୀ ସବୁ ମନେ ପକାଇ ତାଙ୍କ ପ୍ରଦତ୍ତ ମାର୍ଗରେ ଚାଲିବାକୁ ଆଲୋଚନା ହୋଇଥିଲା। ଶ୍ରୀ ମାଝୀ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ସ୍କୁଲର ଶିକ୍ଷକ ଅଶୋକ କୁମାର ସାହୁଙ୍କ ସହ ଅନ୍ୟ ଶିକ୍ଷକ, କର୍ମଚାରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ପୋଲିସ ଫୋର୍ସ ଉପସ୍ଥିତିରେ ଭସାଣି

ଖଲ୍ଲିକୋଟ,୧୫।୧୦(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସହରରେ ମଙ୍ଗଳବାର ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ମା' ଦୁର୍ଗାଙ୍କ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ସୋମବାର ରାତିରେ ବଡଦାଣ୍ଡ ସାହି ଓ ଧରାକୋଟ ସାହି ବାଡ଼ ପକ୍ଷରୁ ରାମାୟଣ ନାଟକ ହେଉଥିବା ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଭସାଣି ବେଳେ ସ୍ଥିତି ଉପରେ ନଜର ରଖିବାକୁ ୨୦ ଜଣ ପୋଲିସ ଅଫିସରଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିବା ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁ କହିଛନ୍ତି। ସୂଚନାଯୋଗ୍ୟ,ସୋମବାର ରାତି ପ୍ରାୟ ୧୦ ଟାରେ ବଡ଼ଦାଣ୍ଡ ସାହି ଓ ଧରାକୋଟ ସାହିରେ ରାମାୟଣ ନାଟକ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ଜେସିବିରେ କଳାକାରମାନଙ୍କୁ ନେଇ ବିଭିନ୍ନ କଳା ପ୍ରଦର୍ଶନ କରୁଥିବା ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ପାଣିବୋତଲ ଓ ନଡ଼ିଆ ଫିଙ୍ଗା ଫୋପାଡ଼ାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ୩ ରୁ ୪ ଜଣ ଆହତ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ମୃଦୁ ଲାଠି ଚାଳନା କରି ଉତ୍ତେଜନାକାରୀଙ୍କୁ ଘଉଡ଼ାଇଥିଲା। ମଙ୍ଗଳବାର ଉଭୟ ପୂଜା କମିଟିକୁ ଥାନାକୁ ଡକାଇ ଭସାଣୀ ଉତ୍ସବ କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେ ନେଇ ଥାନାଧିକାରୀ ଆଲୋଚନା କରିଥିଲେ।

# ଭିନୁ ମଙ୍କଡ ଟ୍ରଫିରେ ଜମ୍ମୁ ଓ କଶ୍ମୀର ବିପକ୍ଷରେ ପଦାର୍ପଣ କଲେ ଅଭିନିତ



ଭିନୁମଙ୍କଡ ଟ୍ରଫିରେ ଅଭିନିତ ପଟ୍ଟନାୟକ।

ବ୍ରହ୍ମପୁର,୧୫।୧୦(ସ୍ୱାଧୀନ ଶେଖର ପାଢ଼ୀ )

ଭିନୁ ମଙ୍କଡ ଟ୍ରଫି ୧୯ବର୍ଷରୁ କମ ବର୍ଗ ଓଡ଼ିଶା ଦଳରେ ଅଭିନିତ ପଟ୍ଟନାୟକ ଜମ୍ମୁ ଓ କଶ୍ମୀର ବିପକ୍ଷ ମ୍ୟାଚରେ ପଦାର୍ପଣ କରିଛନ୍ତି। ବ୍ରହ୍ମପୁର ଗାନ୍ଧୀନଗର ବାସିନ୍ଦା ଅଭିଜିତ ଆଲ୍ଫା ସ୍ପୋର୍ଟିଂ କ୍ଲବରେ ଅଭ୍ୟାସ କରୁଥିଲେ। ସେ ବିସିସିଆଇ ପରିଚାଳିତ ଭିନୁ ମଙ୍କଡ ଟ୍ରଫି ୨୦୨୪-୨୫ ୧୯ବର୍ଷରୁ କମ ବର୍ଗ ଓଡ଼ିଶା ଦଳ ପାଇଁ ମନୋନୀତ ହୋଇଛନ୍ତି। ଅଭିନିତ ଗତ ୧୨ ତାରିଖରେ ଜମ୍ମୁ ଓ କଶ୍ମୀର ବିପକ୍ଷରେ ନିଜ ପଦାର୍ପଣ ମ୍ୟାଚରେ ଭଲ ପ୍ରଦର୍ଶନ କରିଛନ୍ତି। ସେ ଜଣେ ଅଲ ରାଉଣ୍ଡର କ୍ରିକେଟର ଭାବେ ପରିଚିତ । ପୂର୍ବରୁ ସେ ୧୬ବର୍ଷରୁ କମ ବୟସ ବର୍ଗରେ କୁଚବିହାର ଟ୍ରଫି ଖେଳି ବେଶ ଚର୍ଚ୍ଚାକୁ ଆସିଥିଲେ। ସେ ବମ୍ବେ ନ୍ୟାଶନାଲ କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେବାର ସୁଯୋଗ ପାଇଥିଲେ।

# ସହର ବଦଳିଛି, ବିକାଶ ଲୋଡ଼ା

ବ୍ରହ୍ମପୁର,୧୫।୧୦(ସ୍ୱାଧୀନଶେଖରପାଢ଼ୀ)

ପୁରାତନ ବ୍ରହ୍ମପୁର ସହରର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଯୁବପିଢ଼ିଠାରୁ ବୟସ୍କ ପର୍ଯ୍ୟନ୍ତ ବ୍ରହ୍ମପୁର ସମ୍ପର୍କରେ କାହା ଅଭିଜ୍ଞତା କିଭଳି ରହିଛି ତାକୁ ନେଇ ଆମର ଏହି ସ୍ତମ୍ଭ।

## ମୁଁ ବ୍ରହ୍ମପୁରକୁ ଏମିତି ଜାଣେ

ବ୍ରହ୍ମପୁରର ଯୁବକ କରୁଣାକର ବେହେରାଙ୍କୁ ଏନେଇ ଜାଣିବା ପାଇଁ ଭେଟିଥିଲୁ। ସେ କୁହନ୍ତି ରେଶମ ସହର ବ୍ରହ୍ମପୁର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପାଟ, ମଠା, ରୁଚିପୂର୍ଣ୍ଣ ଭଳିକି ଭଳି ଖାଦ୍ୟ ହିଁ ବ୍ରହ୍ମପୁରକୁ ଆଗକୁ ନେବାରେ ବାଟ କଢ଼ାଇଛି। ବିଜିପୁରରେ ଆମ ଘର। ପାଖରେ ରହିଛି ରେଲୱେ ଷ୍ଟେଶନ। ଷ୍ଟେଶନ ଯେମିତି ଥିଲା ସେମିତି ଅଛି। କୌଣସି ପରିବର୍ତ୍ତନ ହୋଇପାରିନାହିଁ। ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିକାଶ ହୋଇଛି। ସହରର ରାସ୍ତାଘାଟ, ପରିବେଶ ସବୁ କିଛି ବଦଳିବାରେ ଲାଗିଛି। କିନ୍ତୁ ବିକାଶ ଯେଭଳି ହେବା କଥା ତାହା କୌଣସି ନା କୌଣସି କାରଣରୁ ହୋଇପାରିନାହିଁ। ପିଲାଟି ଦିନରୁ ମୋ ବ୍ରହ୍ମପୁର ଏକ ନିଆରା ସହର। ଆଜି କର୍ମ କ୍ଷେତ୍ରରେ ନିୟୋଜିତ ଥିଲେ ବି ବ୍ରହ୍ମପୁରରେ ସେଇ


କରୁଣାକର ବେହେରା

ପୁରୁଣା ପିଲାଦିନର ସ୍ମୃତି ବଞ୍ଚି ରହିଛି। ମୁଁ କେସି ହାଇସ୍କୁଲରେ ପଢୁଥିଲି। ସ୍କୁଲ ବି ପରିବର୍ତ୍ତନର ଛାପ ଦେଖିବାକୁ ଚାହୁଁଥିଲେ ବି ତାହା ହୋଇପାରିନାହିଁ। ଆମୋଦପ୍ରମୋଦ ଯୋଗାଇବା ପାଇଁ ଅନେକ ପାର୍କ ରହିଛି। ଛୋଟ ସହର ବିରାଟ ହୋଇଛି। ବହୁ ପରିବର୍ତ୍ତନ ହୋଇଥିଲେ ବି ବିକାଶ ଆହୁରି ଦରକାର ବୋଲି କରୁଣାକର କହିଛନ୍ତି।

# ନାବାଳିକା ଅପହରଣ, ଥାନାରେ ମାମଲା

ଗୋପାଳପୁର,୧୫।୧୦
(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳର ଏକ ଗ୍ରାମର ଜରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ନାବାଳିକା ଜଣକ ଗତ ୪ ଦିନ ତଳେ ତାଙ୍କ ଆଈ ଘର ବେଲକୁଦି ବୁଲିବାକୁ ଯାଇଥିଲେ। ସୋମବାର ଆଈ ବ୍ୟାଙ୍କକୁ ଯାଇଥିବା ବେଳେ ନାବାଳିକା ଘରେ ଏକୁଟିଆ ଥିଲେ। କିଛି ଘଣ୍ଟା ପରେ କାମ ସାରି ଆଈ ଘରକୁ ଫେରିବା ବେଳେ ନାତୁଣୀ ଘରେ ନ ଥିଲେ। ପରିବାର ଲୋକ ଆଖପାଖ ଓ ସମ୍ପର୍କୀୟ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇନଥିଲେ। ପରେ ନାବାଳିକାଙ୍କ ବାପା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ. ୪୨୫/୨୪ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କାର୍ତ୍ତିକ ପୂର୍ବରୁ ପରିବା ଦର ମହଙ୍ଗା

ବ୍ରହ୍ମପୁର,୧୫।୧୦(ସ୍ମୃତିରଞ୍ଜନମହାଲିକ)

କାର୍ତ୍ତିକ ମାସ ଆରମ୍ଭରୁ ପରିବା ଦର ମହଙ୍ଗା ହୋଇଛି। ମଧ୍ୟବିତ୍ତ ଓ ଗରିବ ପରିବାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କିଛି ଦିନ ପରେ ହବିଷିଆଳିଙ୍କ ବ୍ରତ ଆରମ୍ଭ ହେବ। ଏହି ସମୟରେ ସାଧାରଣ ଜନତା ମଧ୍ୟ ଆମିଷ ବଦଳରେ ନିରାମିଷକୁ ଆପଣାଇବେ। କିନ୍ତୁ ଆରମ୍ଭରୁ ଏଭଳି ଦର ବୃଦ୍ଧି ଅସହ୍ୟ ହୋଇଛି। ସହରରେ ଗେଟ ବଜାର, କମାପଲୀ, ବିଜିପୁର ଓ ବଡ ବଜାର ଭଳି ଅଂଚଳର ମାର୍କେଟଗୁଡିକରେ ଟମାଟୋ କେଜି ୮୦ ଟଙ୍କା, ବାଇଗଣ ୮୦, ଭେଣ୍ଡି ୭୦, ବିନସ ୧୧୦, ପୋଟଳ ୮୦, ଗାଜର ୭୦, ବନ୍ଧା କୋବି ୮୦ ଓ ଫୁଲ କୋବି ୮୦ ଟଙ୍କା ରହିଛି। ଆମଦାନୀ କମିଥିବାରୁ ଦର ବୃଦ୍ଧି ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ସ୍ଥାନୀୟ ଅଂଚଳରୁ ପୂର୍ବ ଭଳି ପରିବା ଆମଦାନୀ ହେଉ ନାହିଁ। ଯାହା ବି ହେଉଛି କମ ପରିମାଣର ଆସୁଛି। ଏହା

## ପନି ପରିବା ମଣ୍ଡି ଖୋଲି ଦର ଯାଂଚ ଦାବି


କମାପଲୀ ବଜାରରେ ପନି ପରିବା।

ମଧ୍ୟ ଦର ବୃଦ୍ଧିର ଆଉ ଏକ କାରଣ ବୋଲି ବ୍ୟବସାୟୀ କାର୍ତ୍ତିକ ପ୍ରଧାନ କହିଛନ୍ତି। ଫଳରେ ବ୍ୟବସାୟୀ ପଡୋଶୀ ଆନ୍ଧ୍ର, ବାଙ୍ଗାଲୋର, ଦିଲୀ, କଲିକତା ଭଳି ବାହାର ରାଜ୍ୟ ଉପରେ ପରିବା ପାଇଁ ନିର୍ଭରଶୀଳ ହେଉଛନ୍ତି। କାର୍ତ୍ତିକ ମାସରେ ଦର ଆହୁରି ବଢିବ ବୋଲି ବ୍ୟବସାୟୀ ମହଲରୁ ସୂଚନା ମିଳିଛି। ତେବେ ଦର ବୃଦ୍ଧିକୁ ନିୟନ୍ତ୍ରଣ ଓ ରେଗୁଲେସନ କରିବା କ୍ଷେତ୍ରରେ ସରକାରଙ୍କ ନିକଟରେ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନ ଥିବା ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଏଥିସହ କମିଟି ପକ୍ଷରୁ ଜିଲାପାଳ ଓ ଉପଜିଲାପାଳଙ୍କୁ ଇ ମେଇଲ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ପନିପରିବା ଫସଲର ଚାହିଦା, ଉତ୍ପାଦ ଓ ଯୋଗାଣର ନିୟମିତ ସର୍ଭେ କରାଯାଉ। ହଳଦିଆପଦର ଓଭରବ୍ରିଜ ତଳେ ଥିବା ପନିପରିବା ହୋଲସେଲ ବଜାର ଉପରେ ଚଢାଉ କରାଯାଇ ନିୟମିତ ଯାଂଚ ପାଇଁ ଦାବି ହୋଇଛି। ଏଥିସହ ଯୋଗାଣ ବିଭାଗ ସକ୍ରିୟ ହୋଇ ବଜାର ଦର ଓ କୃତ୍ରିମ ଭାବେ ମହଜୁଦ କରି ଅଭାବୀ ବିକ୍ରି ସୃଷ୍ଟି କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ ନଜର ରଖିବା ଓ ପନିପରିବା ଫସଲର ମଣ୍ଡି ଖୋଲିବା ପାଇଁ କମିଟି ଦାବି କରିଛି। ନଚେତ ଆଗାମୀ ଦିନରେ କମିଟି ଆନ୍ଦୋଳନ କରିବ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

